# ମେଘନାଦ ଶାହ୍ଙ୍କ ଅବଦାନ

ପ୍ରସ୍ତୁତି: ସୃଜନିକା, ଭୁବନେଶ୍ୱର

ଅରୁନ୍ଧତୀ: ଆରେ ଧ୍ରୁବ, ସ୍ୱାତୀ, କାହିଁକି ଏତେ ଜୋରରେ ପାଟି କରୁଛ ?

ସ୍ୱାତୀ: ନାଇଁ ମା, ଆମେ ଗୋଟିଏ ଖେଳ ଖେଳୁଛୁ । ବୈଜ୍ଞାନିକ ମାନଙ୍କ ଉପରେ ଧା ତିଆରି କରୁଛୁ ।

ଅରୁନ୍ଧତୀ: ଆରେ ବାଃ, ବଢିଆ କଥା ତ । ଦେଖେ, ମୁଁ ଟିକିଏ ଶୁଣେ ।

ଧ୍ରୁବ: ଅପା, ଏବେ ତୋ ପାଳି ।

ସ୍ୱାତୀ: ହଁ ଶୁଣ- ସଂସଦର ସଭ୍ୟ ହୋଇ

ପଞ୍ଜାଙ୍ଗ ସଂଶୋଧନ କଲେ,
ବିଜ୍ଞାନ ପାଇଁ ଗଢିଲେ ଅନୁଷ୍ଠାନ,
ସଭିଙ୍କ ପାଇଁ କାମ କଲେ ।
ସେ ବିଜ୍ଞାନୀଙ୍କ ନାମ ଦିଅ କହିଣ,
ଯେ ଦେଇଥିଲେ ସୂତ୍ର ଆୟନୀକରଣ ।

(ପଛରୁ ପାଟି ସ୍ୱର ଶୁଭିଲା - ମେଘନାଦ ଶାହା)

ସ୍ୱାତୀ: ବାପା, ତମେ ଏତେ ଜଲ୍‌ଦି ଏ ଧଦାର ଉତ୍ତର କହିଦେଲ ! କେମିତି ?

ଚନ୍ଦ୍ର: ମୁଁ ଏବେ ମେଘନାଦ ଶାହାଙ୍କ ଉପରେ ଗୋଟିଏ ବହି ପଢ଼ା ସାରିଲି । ସେଥିପାଇଁ ସବୁ କଥା ମୋ ମନରେ ଥିଲା, ଆଉ ତୋ ପ୍ରଶ୍ନର ଉତ୍ତର ଚଟାପଟ୍ ଦେଇଦେଲି ।

ସ୍ୱାତୀ: ମେଘନାଦ ଶାହାଙ୍କ ବିଷୟରେ ଜାଣିବା ପାଇଁ ମୋର ସବୁବେଳେ ଆଗ୍ରହ ହୁଏ ।

ଚନ୍ଦ୍ର: ହଉ ମୋର ଜଣେ ସାଙ୍ଗ ପ୍ରଶାନ୍ତ ଦାସ କଲିକତାର ଶାହା ଇନଷ୍ଟିଚ୍ୟୁଟ୍‌ରେ କାମ କରନ୍ତି । ସେ ଏବେ ଭୁବନେଶ୍ୱର ଆସିଛନ୍ତି । ତାଙ୍କଠୁ ଶୁଣିବା ।

ଧ୍ରୁବ: ବାପା ମୁଁ ଶୁଣିଥିଲି ଯେ ମେଘନାଦ ଶାହା ଗୋଟିଏ ଗରିବ ପରିବାରରେ ଜନ୍ମ ହୋଇଥିଲେ ।

ଚନ୍ଦ୍ର: ହଁ ଧ୍ରୁବ, ତାଙ୍କ ବାପାଙ୍କର ଗୋଟିଏ ଛୋଟିଆ ତେଜରାତି ଦୋକାନ ଥିଲା । ମେଘନାଦ ବହୁତ କଷ୍ଟରେ ପାଠ ଶେଷ କରିଥିଲେ ଏବଂ ଜଣେ ବିଖ୍ୟାତ ବୈଜ୍ଞାନିକ ହୋଇ ପାରିଥିଲେ ।

ଅରୁନ୍ଧତୀ: ତାଙ୍କ କଥା ଶୁଣିଲେ ସତରେ କେତେ ପ୍ରେରଣା ମିଳେ । ଆହୁରି ବେଶୀ ବେଶୀ ଶୁଣିବାକୁ ଇଚ୍ଛା ହୁଏ ।

ଚନ୍ଦ୍ର: ତା ହେଲେ ଚାଲ ସମସ୍ତେ, ପ୍ରଶାନ୍ତ ପାଖକୁ ଯିବା ।

ଧ୍ରୁବ/ ସ୍ୱାତୀ: ଆମେ ପାଞ୍ଚମିନିଟ ଭିତରେ ବାହାରି ପଡୁଛୁ ବାପା ।

(ଦୃଶ୍ୟ ପରିବର୍ତ୍ତନ, ଗୋଟିଏ ଗାଡି ଚାଲିବା ତା'ପରେ ଦୁଆର ବେଲର ଶବ୍ଦ)

ପ୍ରଶାନ୍ତ: କିଏ ? (ଦୁଆର ଖୋଲିବାର ଶବ୍ଦ), ଆରେ ଚନ୍ଦ୍ର, ଅରୁନ୍ଧତୀ ଭାଉଜ, ତମେମାନେ ! ସତରେ ଭାରି ଖୁସି ଲାଗୁଛି ତମମାନଙ୍କୁ ଦେଖିକି । ଏ ସ୍ୱାତୀ ନା ? ଆଉ ଏ ଧ୍ରୁବ ? ଗତଥର ମୁଁ ଆସିଲା ବେଳେ ଧ୍ରୁବ କେତେ ଛୋଟ ହୋଇଥିଲା । ହଜାରେ ପ୍ରଶ୍ନ ପଚାରୁଥିଲା ।

ଅରୁନ୍ଧତୀ: ନମସ୍କାର ଭାଇ । ଏବେ ବି କ'ଣ ଧ୍ରୁବର ପ୍ରଶ୍ନ ପଚାରିବା କମିଛି କି ?

ଧ୍ରୁବ/ସ୍ୱାତୀ: ନମସ୍କାର ମଉସା ।

ଚନ୍ଦ୍ର: ଆରେ, ମେଘନାଦ ଶାହାଙ୍କୁ ଧନ୍ୟବାଦ ଦେବା କଥା । ତାଙ୍କରି ଯୋଗୁଁ ଆମର ଆଜି ଦେଖାହେଲା ।

ପ୍ରଶାନ୍ତ: କାରଣଟା ଯାହା ବି ହେଇଥାଉ ଏତେଦିନ ପରେ ତମମାନଙ୍କ ସହ ଦେଖାହେବାଟା ବଡ଼ କଥା ।

ସ୍ୱାତୀ: ବାପା ସବୁବେଳେ ଆପଣଙ୍କ କଥା କହନ୍ତି । ଆପଣଙ୍କ ସହ ଦେଖା କରିବା ପାଇଁ ମୋର ବହୁତ ଇଚ୍ଛା ହେଉଥିଲା ।

ପ୍ରଶାନ୍ତ: ତମ ବାପା ମତେ ବହୁତ ଭଲ ପାଆନ୍ତି ତ ସେଇଥିପାଇଁ, ଆଉ ଭାଉଜ, ଆପଣ କେମିତି ଅଛନ୍ତି ?

ଅରୁନ୍ଧତୀ: ଭଲଅଛି । ପ୍ରକୃତରେ ପିଲାମାନେ ଆପଣଙ୍କ ସହ କଥା ହେବା ପାଇଁ ଆସିଲେ । ମୁଁ ବି ଟିକେ ଶୁଣିବା ପାଇଁ ଚାଲିଆସିଲି ।

ପ୍ରଶାନ୍ତ: ଯାହା ବି ହେଉ, ଆପଣ ଆସିଛନ୍ତି ମୁଁ ବହୁତ ଖୁସି ।

ଚନ୍ଦ୍ର: ହଉ ହେଲା । ଆଚ୍ଛା ପ୍ରଶାନ୍ତ, ତମେ ଜାଣିଛି ସ୍ୱାତୀ ଆଉ ଧ୍ରୁବ ତମପାଖକୁ କାହିଁକି ଆସିଛନ୍ତି ?

ପ୍ରଶାନ୍ତ: (ଆଶ୍ଚର୍ଯ୍ୟ ହୋଇ) ମୋ ପାଖକୁ କ'ଣ କିଛି ନିର୍ଦ୍ଦିଷ୍ଟ ଏଜେଣ୍ଡା ଧରି ଆସିଛନ୍ତି କି ? ଆଚ୍ଛା ତମେ ମାନେ କ'ଣ ଚାହୁଁଛ ?

ସ୍ୱାତୀ: ଆପଣ ମେଘନାଦ ଶାହାଙ୍କ ଜୀବନୀ ଉପରେ ଗୋଟିଏ ବହି ଲେଖିଛନ୍ତି । ଆମେ ତାଙ୍କ କାମ ବିଷୟରେ କିଛି ଜାଣିବାକୁ ଚାହୁଁ । ମାନେ ତାଙ୍କ ବିଜ୍ଞାନ ଗବେଷଣା ଉପରେ ... ।

ଧ୍ରୁବ: ମଉସା, ମା କହୁଥିଲେ ଯେ ସେ ଜଣେ ଗରିବ ତେଜରାତି ଦୋକାନୀଙ୍କ ପୁଅ ଥିଲେ, ସେ କେମିତି ପାଠ ପଢ଼ିଲେ ଆଉ ଏତେ ବଡ଼ ବୈଜ୍ଞାନିକ ହୋଇପାରିଲେ ।

ପ୍ରଶାନ୍ତ: ଯାହାହେଉ, ବୈଜ୍ଞାନିକମାନଙ୍କ ବିଷୟରେ, ସେମାନଙ୍କ କାମ ବିଷୟରେ ଜାଣିବାକୁ ତମର ଏତେ ଆଗ୍ରହ ଦେଖି ମତେ ବହୁତ ଖୁସି ଲାଗୁଛି । ଆମ ସଂସ୍କୃତି, ପରମ୍ପରା ବିଷୟରେ ଜାଣିବାକୁ ହେଲେ ଆମର ମହାପୁରୁଷ, ବୈଜ୍ଞାନିକ ମାନଙ୍କ ଜୀବନ କାହାଣୀ ଜାଣିବା ହେଉଛି ସବୁଠାରୁ ଭଲ ବାଟ ।

ଧ୍ରୁବ: ମୁଁ ଶୁଣିଥିଲି ଯେ ଜୋର ମେଘ ଘଡ଼ଘଡ଼ି ହେଉଥିବା ସମୟରେ ସେ ଜନ୍ମ ହୋଇଥିବାରୁ ତାଙ୍କ ନାଁ ମେଘନାଦ ରଖାଯାଇଥିଲା ।

ପ୍ରଶାନ୍ତ: ଠିକ୍ କଥା । ମେଘ ଘଡ଼ଘଡ଼ି ହେଉଥିବା ସତ୍ତ୍ୱେ ସେ ଗୋଟିଏ ନଡ଼ା ଛପର ଚାଳଘରେ ଜନ୍ମ ହୋଇଥିଲେ । ସେଥିପାଇଁ ତାଙ୍କ ଜେଜେମା ତାଙ୍କ ନାଁ ରଖିଥିଲେ ମେଘ ।

ଅରୁନ୍ଧତୀ: ତା ହେଲେ ମେଘ ପୁଣି ମେଘନାଦ କେମିତି ହେଲେ ?

ପ୍ରଶାନ୍ତ: ଏହା ପଛରେ ଗୋଟିଏ ମଜା ଘଟଣା ରହିଛି । ମେଘନାଦ ଶାହାଙ୍କ ବାପାଙ୍କର ପାଞ୍ଚପୁଅ ଓ ତିନିଝିଅ ଥିଲେ । ମେଘନାଦ ତାଙ୍କ ବାପା ମା'ଙ୍କର ପଞ୍ଚମ ସନ୍ତାନ ଥିଲେ ।

ଧ୍ରୁବ: ପଞ୍ଚମ ସନ୍ତାନ ?

ପ୍ରଶାନ୍ତ: ହଁ, ତାଙ୍କର ଦୁଇଜଣ ବଡ଼ ଭଉଣୀ ଆଉ ବଡ଼ ଭାଇ ଥିଲେ । ସେ

ଦୁହିଁଙ୍କର ନାଁ ଥିଲା ଜୟନାଥ, ବିଜୟନାଥ । ସେମାନଙ୍କର ନାଁ ସାଙ୍ଗରେ ମିଶିବ ବୋଲି ମେଘକୁ ମେଘନାଥ କରି ଦିଆଗଲା ।

ସ୍ୱାତୀ: ମେଘନାଥ ପୁଣି ମେଘନାଦ କେମିତି ହେଲେ ?

ପ୍ରଶାନ୍ତ: ଏକଥା ତ ସଠିକ୍ କହିହେବ ନାହିଁ କେମିତି ଆଉ କେବେ ବଦଳିଗଲା । କିନ୍ତୁ ମାଇକେଲ ମଧୁସୂଦନ ଦତ୍ତଙ୍କ ମହାକାବ୍ୟ ମେଘନାଦ ବଧ ତାଙ୍କର ବହୁତ ପ୍ରିୟ ଥିଲା । ବୋଧହୁଏ ଏଇଥିରୁ ସେ ତାଙ୍କ ନାଁ ବଦଳାଇ ଦେଇଥିଲେ ।

ଧ୍ରୁବ: ସେ ପରାଧୀନ ଭାରତରେ ଜନ୍ମ ଗ୍ରହଣ କରିଥିଲେ ନା ? ସେତେବେଳେ ବ୍ରିଟିଶ ରାଜତ୍ୱ ଥିଲା ।

ପ୍ରଶାନ୍ତ: ହଁ, ସେ ଢାକାଠାରୁ ୪୫ କିଲୋମିଟର ଦୂର ସାଓରାତଲି ନାମକ ଗୋଟିଏ ଗାଁରେ ୧୮୯୩ ମସିହାରେ ଅକ୍ଟୋବର ୬ ତାରିଖ ଦିନ ଜନ୍ମ ହୋଇଥିଲେ । ସେତେବେଳେ ଆମେ ପରାଧୀନ ଥିଲୁ । ତାଙ୍କ ବାପା ଜଗନ୍ନାଥଙ୍କ ରୋଜଗାର ବହୁତ କମ୍ ଥିଲା । ସେଥିପାଇଁ ତାଙ୍କ ମା’ ଭୁବନେଶ୍ୱରୀ ଦେବୀ ବହୁତ କଷ୍ଟରେ ଘର ଚଳାଉଥିଲେ ।

ଚନ୍ଦ୍ର: ସେ କେତେ ମହାନ ଜାଣିପାରୁଛ ତ ।

ପ୍ରଶାନ୍ତ: ବାସ୍ତବିକ ମେଘନାଦଙ୍କ ବହୁତ ଗୁଡିଏ ଗୁଣ ଆଉ ମୂଲ୍ୟବୋଧ ତାଙ୍କ ମା’ଙ୍କ ଠାରୁ ହିଁ ଆସିଛି । ସେ ତାଙ୍କ ବାପା ମା’ଙ୍କର ବଡ ଆଜ୍ଞାକାରୀ ଥିଲେ । ସାରାଜୀବନ ସେ ତାଙ୍କ ବାପା ମା’ଙ୍କ ସ୍ମୃତିକୁ ମନରେ ସଜେଇ ରଖିଥିଲେ ।

ଅରୁନ୍ଧତୀ: ପରେ ଯେତେବଳେ ସେ ଜଣେ ବିଖ୍ୟାତ ବୈଜ୍ଞାନିକ ହୋଇଗଲେ ତାଙ୍କ ବାପା ମା’ଙ୍କର ସେବାକରିବା ପାଇଁ ସୁଯୋଗ ପାଇଥିଲେ କି ?

ଚନ୍ଦ୍ର: ପ୍ରଶାନ୍ତ, ତମେ ଟିକେ ଏକଥା ଅରୁନ୍ଧତୀକୁ ବୁଝେଇ ଦବ । ସେ ବୋଧେ ଭାବୁଛନ୍ତି ଯେ ତାଙ୍କ ପିଲାମାନେ ତାଙ୍କର ବୁଢ଼ୀବୟସରେ ସେବା କରିବେ ନା ନାହିଁ ।

ଅରୁନ୍ଧତୀ: ଏକଥା ନୁହେଁ, ତମେ ସବୁବେଳେ କଥା ବୁଲେଇ ଦଉଛ । ମୁଁ କାହିଁକି ବ୍ୟସ୍ତ ହେବି ଯଏ ପିଲାମାନେ ମୋର ସେବା କରିବେ କି ନାହିଁ ବୋଲି,

ତା'ଛଡା ସେମାନେ ତ କେବଳ ମତେ ଭଲ ପାଆନ୍ତିନି, ତମକୁ ବି ସେତିକି ଭଲ ପାଆନ୍ତି ।

ପ୍ରଶାନ୍ତ: ଚନ୍ଦ୍ରର କଥା ଛାଡ଼ନ୍ତୁ ଭାଉଜ, ସବୁ ବାପା ମା' ଚିନ୍ତା କରନ୍ତି ଯେ ପିଲାମାନେ ତାଙ୍କୁ ପଚାରିବେ କି ନାହିଁ ବୋଲି । ମେଘନାଦ ତାଙ୍କ ଗାଁ ସାଓରାତଳିରେ ଝିଅମାନଙ୍କ ପାଇଁ ଗୋଟିଏ ସ୍କୁଲ ପ୍ରତିଷ୍ଠା କଲେ । ସେ ଏହାର ନାଁ ତାଙ୍କ ମା'ଙ୍କ ନାଁ ଅନୁସାରେ ଭୁବନେଶ୍ୱରୀ ବାଳିକା ବିଦ୍ୟାଳୟ ରଖିଥିଲେ ।

ଚନ୍ଦ୍ର: ପ୍ରଶାନ୍ତ ତମ ବହିରେ ଲେଖିଛ ଯେ ମେଘନାଦ ଶାହା ଜଣେ ଦକ୍ଷ ପହଁରାଳୀ ଥିଲେ । ସେ ତ ଆଉ ମିହିର ସେନ ନ ଥିଲେ । ତାଙ୍କୁ ଏମିତି ଦକ୍ଷ ବୋଲି କାହିଁକି କହୁଛ ?

ପ୍ରଶାନ୍ତ: ମୁଁ ଦକ୍ଷ ଲେଖିବାର ଅର୍ଥ ହେଉଛି ଭଲ ପହଁରାଳୀ । ସେ ବହୁତ କମ୍ ବୟସରୁ ପହଁରା ଶିଖିଥିଲେ । ଆଉ ଏଥିରେ ସେ ଦକ୍ଷ ବି ହୋଇଯାଇଥିଲେ ।

ଧ୍ରୁବ: ଏତେ କମ୍ ବୟସରୁ ସେ କାହିଁକି ପହଁରା ଶିଖିଥିଲେ ?

ପ୍ରଶାନ୍ତ: ଦେଖ ଧ୍ରୁବ, ସାଓରାତଳି ଗାଁ, ଯେଉଁଠି ମେଘନାଦ ଜନ୍ମ ହୋଇଥିଲେ, ବନ୍ୟା ପ୍ରପୀଡିତ ଅଞ୍ଚଳ ଥିଲା । ପ୍ରାୟ ସବୁ ବର୍ଷ ବନ୍ୟା ଆସୁଥିଲା । ସେଥିପାଇଁ ପହଁରା ଶିଖିବା ଜରୁରୀ ଥିଲା । ଖାଲି ସେତିକି ନୁହେଁ, ନାଆ ବାହିବା ଶିଖିବା ବି ଜରୁରୀ, ସେଥିପାଇଁ ମେଘନାଦ ବି ବହୁତ ବି କମ୍ ବୟସରୁ ପହଁରା ଏବଂ ନାଆ ବାହିବା ଶିଖିଥିଲେ ।

ସ୍ୱାତୀ: ମଉସା, କୁହନ୍ତୁ ତ, ଏତେ ଅଭାବ ଭିତରେ ବି ମେଘନାଦ କେମିତି ପାଠ ପଢ଼ି ପାରିଥିଲେ ।

ପ୍ରଶାନ୍ତ: ହଁ ସ୍ୱାତୀ, ମେଘନାଦଙ୍କୁ ଯେତେବେଳେ ସାତ ବର୍ଷ ହୋଇଥିଲା ଗାଁ ପ୍ରାଥମିକ ସ୍କୁଲରେ ତାଙ୍କ ନାଁ ଲେଖା ହୋଇଥିଲା । ସେ ବହୁତ ଭଲ ଛାତ୍ର ଥିଲେ । କିନ୍ତୁ ତାଙ୍କ ବାପା ତାଙ୍କର ଆଉ ଅଧିକ ପଢ଼ା ଖର୍ଚ୍ଚ ତୁଲେଇବା ପାଇଁ ରାଜି ନଥିଲେ । ସେଥିପାଇଁ ସେ ତାଙ୍କ ପାଠପଢ଼ା ବନ୍ଦ କରିଦେବାକୁ ଚାହୁଁଥିଲେ ।

ଧ୍ରୁବ: ତା' ହେଲେ ସେ ତାଙ୍କ ପାଠପଢ଼ା କେମିତି ଚାଲୁ ରଖିଲେ ।

ଅରୁନ୍ଧତୀ: ମୁଁ ତୁମକୁ ସବୁବେଳେ କୁହେନି ଯେ ଇଚ୍ଛା ଥିଲେ ଉପାୟ ବଳେ ବଳେ ଆସେ ।

ପ୍ରଶାନ୍ତ: ପ୍ରକୃତ ସେଇଆ ହିଁ ହୋଇଥିଲା । ଶିକ୍ଷକ ତାଙ୍କ ବାପାଙ୍କୁ କହିଲେ ଯେ ମେଘନାଦ ଜଣେ ଅତି ମେଧାବୀ ଛାତ୍ର । ତେଣୁ ତାଙ୍କ ପଢ଼ା ବନ୍ଦ ନକରିବା ପାଇଁ ସେ ବାପାଙ୍କୁ ରାଜି କରେଇଲେ । କିନ୍ତୁ ଆଉ ଗୋଟିଏ ସମସ୍ୟା ଥିଲା । ଇଂରାଜୀ ମାଧ୍ୟମ ସ୍କୁଲଟି ଶିମୁଳିଆ ଗାଁରେ ଥିଲା, ଏଇ ଗାଁଟି ତାଙ୍କ ଗାଁ ସାଓରାତଲିଠାରୁ ୧୧ କିଲୋମିଟର ଦୂର ଥିଲା ।

ଧ୍ରୁବ: ଆରେ, ତା' ହେଲେ ତ ବହୁତ ଅସୁବିଧା ।

ପ୍ରଶାନ୍ତ: ହଁ, ଏଇଟା ଗୋଟେ ବଡ଼ ସମସ୍ୟା ଥିଲା । ମେଘନାଦ ପ୍ରତିଦିନ ଚାଲି ଚାଲି ସ୍କୁଲ ଯାଇ ଘରକୁ ଫେରିବା ସମ୍ଭବ ନଥିଲା । ଆଉ ତାଙ୍କୁ ହଷ୍ଟେଲରେ ରଖିପାରିଲା ଭଳି ସାମର୍ଥ୍ୟ ବି ଘରେ ନଥିଲା ।

ସ୍ୱାତୀ: ତାହେଲେ ଏ ସମସ୍ୟାର ସମାଧାନ କେମିତି ହେଲା ?

ପ୍ରଶାନ୍ତ: ତାଙ୍କ ବଡ଼ ଭାଇ ଜୟନାଥ ସାହାଯ୍ୟ କରିବାକୁ ଆଗେଇ ଆସିଥିଲେ । ସେ ନିଜେ ଅଧିକ ପଢ଼ିବାର ସୁଯୋଗ ପାଇନଥିଲେ । ଖୁବ୍ ଅଳ୍ପ ଦରମାରେ ସେ ଗୋଟିଏ ଝୋଟକଳରେ ଚାକିରି କରୁଥିଲେ । କିନ୍ତୁ ସେ ଦୃଢ଼ ଥିଲେ ଯେ ତାଙ୍କ ଭାଇ ମେଘନାଦକୁ ପଢ଼ିବାର ସୁଯୋଗ ଦେବେ ।

ଚନ୍ଦ୍ର: ଏଇଠି ମୁଁ ଟିକେ କହୁଛି । ଜୟନାଥ ଶିମୁଳିଆ ଗାଁରେ ଅନନ୍ତ କୁମାର ଦାସ ନାମକ ଜଣେ ଅତି ଦୟାଳୁ ଲୋକଙ୍କୁ ଭେଟିଲେ । ସେ ଜଣେ ଡାକ୍ତର ଥିଲେ । ମେଘନାଦଙ୍କର ପୃଷ୍ଠପୋଷକ ହେବା ପାଇଁ ସେ ରାଜି ହେଲେ ଏବଂ ତାଙ୍କ ଘରେ ରହିବାର ବ୍ୟବସ୍ଥା କରିଦେଲେ ।

ଧ୍ରୁବ: ସେ ଡାକ୍ତର ଜଣକ ମେଘନାଦଙ୍କୁ ମାଗଣାରେ ରହିବା ଖାଇବା ବ୍ୟବସ୍ଥା କରିଥିଲେ ।

ଚନ୍ଦ୍ର: ପ୍ରାୟ ମାଗଣା, ଏଥିପାଇଁ ସେ କେବଳ ତାଙ୍କ ଗାଈଙ୍କ ଯତ୍ନ ନେଉଥିଲେ ଏବଂ ପରିବାରର ବୋଲହାକ କରୁଥିଲେ ।

ଅରୁନ୍ଧତୀ: ଯାହାହେଉ, ତାଙ୍କ ସମସ୍ୟା ଦୂର ହୋଇଗଲା ଏବଂ ସେ ତାଙ୍କ ପାଠପଢ଼ା ଚାଲୁ ରଖି ପାରିଲେ ।

ପ୍ରଶାନ୍ତ: ମେଘନାଦ ଜଣେ ବିବେକବାନ ଛାତ୍ର ଥିଲେ, ଆଉ ତାଙ୍କ ଭାଗ୍ୟ ବଳରୁ ତାଙ୍କର କେତଜଣ ବହୁତ ଭଲ ଶିକ୍ଷକ ଥିଲେ । ଏମାନଙ୍କ ଭିତରୁ ଜଣେ ହେଉଛନ୍ତି ତାଙ୍କର ଗଣିତ ଶିକ୍ଷକ ଶ୍ରୀ ପ୍ରଶାନ୍ତ ଚକ୍ରବର୍ତ୍ତୀ, ଅବଶ୍ୟ ମେଘନାଦ ଏମିତି ବି ଗଣିତରେ ବହୁତ ଭଲ ଥିଲେ, କିନ୍ତୁ ଶିକ୍ଷକ ଜଣକ ତାଙ୍କର ଏ ବିଷୟରେ ପକ୍କା ମୂଳଦୁଆ ପକେଇଥିଲେ । ପର ଜୀବନରେ ଏହା ତାଙ୍କର ବହୁତ କାମରେ ଆସିଥିଲା ।

ଧ୍ରୁବ: ତାଙ୍କ ପାଠପଢ଼ା ବିଷୟରେ ଜଲ୍‌ଦି ଜଲ୍‌ଦି କୁହନ୍ତୁ ମଉସା ।

ପ୍ରଶାନ୍ତ: ଓହୋ, ତମେ ବୋଧେ ତାଙ୍କ ଗବେଷଣା ବିଷୟରେ ଜାଣିବାକୁ ବହୁତ ଆଗ୍ରହୀ, ନୁହେଁ ? ସେ ୧୯୦୫ ମସିହାରେ ତାଙ୍କର ମାଧ୍ୟମିକ ଶିକ୍ଷା ଶେଷ କରିଥିଲେ । ସେତେବେଳକୁ ତାଙ୍କୁ ୧୨ ବର୍ଷ ହୋଇଥିଲା । ସେ ପୂରା ଢାକା ଜିଲ୍ଲାରେ ପ୍ରଥମ ହୋଇଥିଲେ ଏବଂ ବୃତ୍ତି ପାଇଥିଲେ । ତା'ପରେ ସେ ଏଣ୍ଟ୍ରାସ୍ ପାସ୍ କଲେ, ଇଣ୍ଟର, ବି.ଏସ୍.ସି ଏବଂ ଶେଷରେ ଏମ୍.ଏସ୍.ସି ପାଶ୍ କଲେ ।

ଚନ୍ଦ୍ର: ସେ ତ ପ୍ରେସିଡେନ୍‌ସି କଲେଜରୁ ବି.ଏସ୍.ସି, ଏମ୍.ଏସ୍.ସି କଲେ ନା ? ସେ କଲେଜ କଲିକତା ବିଶ୍ୱବିଦ୍ୟାଳୟ ଅଧୀନରେ ଥିଲା ନା ?

ପ୍ରଶାନ୍ତ: ହଁ ଚନ୍ଦ୍ର, ସେ ପ୍ରେସିଡେନ୍‌ସି କଲେଜରୁ ୧୯୧୩ ମସିହାରେ ବି.ଏସ୍.ସି ଏବଂ ୧୯୧୫ ମସିହାରେ ଏମ୍.ଏସ୍.ସି ପାଶ୍ କଲେ । ୧୯୧୮ ମସିହାରେ କଲିକତା ବିଶ୍ୱବିଦ୍ୟାଳୟ ତାଙ୍କୁ ଡି.ଏସ୍.ସି ଡିଗ୍ରୀ ପ୍ରଦାନ କରିଥିଲା ।

ଅରୁନ୍ଧତୀ: ମୁଁ ଗୋଟେ କଥା ଜାଣିବାକୁ ଚାହୁଁଛି । ସେ ମାଧ୍ୟମିକ ପରୀକ୍ଷାରେ ପ୍ରଥମ ହୋଇଥିଲେ । ବାକି ପରୀକ୍ଷାରେ ବି କ'ଣ ପ୍ରଥମ ହୋଇଥିଲେ ?

ପ୍ରଶାନ୍ତ: ଏଣ୍ଟ୍ରାନ୍‌ସ ପରୀକ୍ଷାରେ ସେ ପୂରା ପୂର୍ବ ବଙ୍ଗରେ ପ୍ରଥମ ହୋଇଥିଲେ । କିନ୍ତୁ ଇଣ୍ଟର ପରୀକ୍ଷାରେ ତୃତୀୟ ହୋଇଥିଲେ । ଜର୍ମାନୀ ଭାଷା ତାଙ୍କର ଚତୁର୍ଥ ବିଷୟ ଥିଲା, ଏଥିରେ ତାଙ୍କର ଭଲ ମାର୍କ ନଥିଲା । ସେଥିପାଇଁ ବି ତାଙ୍କ ରେଜଲ୍‌ଟ ଖରାପ ହୋଇଥିଲା ।

ଧ୍ରୁବ: ତାଙ୍କର ବାକି ତିନୋଟି ବିଷୟ କ'ଣ ଥିଲା ?

ପ୍ରଶାନ୍ତ: ପଦାର୍ଥ ବିଜ୍ଞାନ, ଗଣିତ ଏବଂ ରସାୟନ ଶାସ୍ତ୍ର। ଗଣିତ ଏବଂ ରସାୟନ ଶାସ୍ତ୍ରରେ ତାଙ୍କର ସବୁଠାରୁ ଅଧିକ ମାର୍କ ଥିଲା।

ଅରୁନ୍ଧତୀ: ବାଃ, ସେ ପରୀକ୍ଷାରେ ପ୍ରଥମ ନ ହେଲେ ବି ଦୁଇଟି ବିଷୟରେ ତ ସବୁଠାରୁ ଅଧିକ ରଖିଥିଲେ।

ପ୍ରଶାନ୍ତ: ଅବଶ୍ୟ ଗଣିତକୁ ସେ ବହୁତ ଭଲ ପାଉଥିଲେ। ଏବଂ ରସାୟନ ଶାସ୍ତ୍ରରେ ସେ ବହୁତ ଭଲ କରିଥିଲେ। ଦୁଇଟି ଯାକ ପରୀକ୍ଷାରେ ସେ ପ୍ରଥମ ଶ୍ରେଣୀ ପାଇଥିଲେ କିନ୍ତୁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଦିଥର ଯାକ ପ୍ରଥମ ହୋଇଥିଲେ ସତ୍ୟେନ୍ଦ୍ରନାଥ ବୋଷ୍।

ସ୍ୱାତୀ: ସତ୍ୟେନ୍ଦ୍ରନାଥ ବୋଷ୍ ? ମାନେ ଏସ୍.ଏନ୍.ବୋଷ୍ ? ବୋଷ-ଆଇନ୍‌ଷ୍ଟାଇନ୍ ତତ୍ତ୍ୱର ବୋଷ ?

ଚନ୍ଦ୍ର: ହଁ ସେଇ ସତ୍ୟେନ୍ଦ୍ରନାଥ ବୋଷ୍, ସ୍ୱାତୀ।

ପ୍ରଶାନ୍ତ: ତମେ ଶୁଣିଲେ ଆଶ୍ଚର୍ଯ୍ୟ ହେବ ସ୍ୱାତୀ ଯେ ଏ ଦୁହିଁଙ୍କ ଭିତରେ ଜୀବନସାରା ପ୍ରତିଯୋଗିତା ଲାଗି ରହିଥିଲା। ଏହା ସତ୍ତ୍ୱେ ବି ସେମାନେ ଦୁହେଁ ଖୁବ୍ ଭଲ ସାଙ୍ଗ ଥିଲେ।

ଚନ୍ଦ୍ର: ସୁବାସଚନ୍ଦ୍ର ବୋଷଙ୍କର ବଡ଼ଭାଇ ଶରତଚନ୍ଦ୍ର ବୋଷ ବି ତାଙ୍କ ସାଙ୍ଗରେ ପଢୁଥିଲେ। ବିଖ୍ୟାତ ପରିସଂଖ୍ୟାନବିତ୍ ପ୍ରଶାନ୍ତ ଚନ୍ଦ୍ର ମାହାଲନବିଶ ତାଙ୍କ ଉପର ଶ୍ରେଣୀରେ ପଢୁଥିଲେ।

ସ୍ୱାତୀ: ସୁବାସଚନ୍ଦ୍ର ବୋଷଙ୍କ ବଡ଼ଭାଇ ବି ମେଘନାଦ ଶାହାଙ୍କ ସହ ପଢୁଥିଲେ ଜାଣି ଖୁସି ଲାଗୁଛି।

ଚନ୍ଦ୍ର: ହଁ ସ୍ୱାତୀ, ତୁ ତ ଜାଣିଛୁ ଯେ ସୁବାସଚନ୍ଦ୍ର ବୋଷ ନିଜେ ପ୍ରେସିଡେନ୍‌ସି କଲେଜରେ ପଢୁଥିଲେ। ସେ ମେଘନାଦ ଶାହାଙ୍କର ତିନିବର୍ଷ ତଳେ ପଢୁଥିଲେ, କିନ୍ତୁ ସେ ଦୁଇଜଣଙ୍କ ଭିତରେ ଭଲ ବନ୍ଧୁତା ଥିଲା।

ଧ୍ରୁବ: ପ୍ରେସିଡେନ୍‌ସି କଲେଜର ଆଲୁମନି ତ ପୂରା ଚମକୁଛି ବାପା। ସେ କଲେଜ କ'ଣ ସତରେ ଏତେ ଭଲ ଥିଲା ?

ପ୍ରଶାନ୍ତ: ପ୍ରେସିଡେନ୍ସି କଲେଜରେ ଭାରତର ଅନେକ ବରପୁତ୍ର ପଢିଛନ୍ତି । ଭାରତର ପୂର୍ବତନ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ବି ସେ କଲେଜରେ ପଢୁଥିଲେ । ସେଠି ସେ ଏଡନ୍ ହିନ୍ଦୁ ହଷ୍ଟେଲରେ ରହୁଥିଲେ । ପରେ ମେଘନାଦ ବି ସେଇ ହଷ୍ଟେଲରେ ରହିଥିଲେ ।

ଧ୍ରୁବ: ସେତେବେଳେ ତାଙ୍କ ହଷ୍ଟେଲ ଖର୍ଚ୍ଚ କିଏ ଦେଉଥିଲା ?

ପ୍ରଶାନ୍ତ: ସେ ଗୋଟିଏ ବୃତ୍ତି ପାଉଥିଲେ । ସେଥିରେ ତାଙ୍କର ହଷ୍ଟେଲ ଖର୍ଚ୍ଚ ଚଳିଯାଉଥିଲା । ପରେ ସେ ହଷ୍ଟେଲ୍ ଛାଡିଦେଇ ଗୋଟିଏ ମେସ୍‌ରେ ରହିଲେ । ମେସ୍‌ଟି ପିଲାମାନେ ନିଜେ ଚଳାଉଥିଲେ ।

ସ୍ୱାତୀ: ସେ କାହିଁକି ହଷ୍ଟେଲ ଛାଡିଦେଲେ ?

ପ୍ରଶାନ୍ତ: ସେ ଗୋଟିଏ ଭଲ କାରଣ ପାଇଁ ହଷ୍ଟେଲ ଛାଡିଦେଲେ । ତମେ ତ ଜାଣିଛ । ସେ ସମୟରେ ଜାତିପ୍ରଥା ବହୁତ ଜୋର ଥିଲା । ଉଚ୍ଚଜାତିର ପିଲାମାନେ ମେଘନାଦଙ୍କୁ ତାଙ୍କ ସହ ମିଶି ଖାଇବା ପାଇଁ ଅନୁମତି ଦେଲେ ନାହିଁ ଏବଂ ଅନେକ ସମୟରେ ଅପମାନ ଦିଅନ୍ତି । ଏମିତିକି ଥରେ ସରସ୍ୱତୀ ପୂଜା ପାଇଁ ତିଆରି ହୋଇଥିବା ପେଣ୍ଡାଲ ଉପରୁ ତାଙ୍କୁ ଓହ୍ଲେଇ ଯିବା ପାଇଁ କୁହା ହୋଇଥିଲା ।

ଧ୍ରୁବ: ତାଙ୍କ ସାଙ୍ଗେ ଏମିତି ଭେଦଭାବ ? ଏ ତ ଠିକ୍ କଥା ନୁହେଁ ।

ପ୍ରଶାନ୍ତ: ମୁଁ ବି ତମ ସହ ଏକମତ । ସେ ବି ତାଙ୍କ ଶକ୍ତିମତେ ଲଢିଥିଲେ । ସେ ଜାତିପ୍ରଥା ଓ ଅସ୍ପୃଶ୍ୟତାର ବିରୋଧ କରିଥିଲେ । ସେ ତାଙ୍କ ଲୋକମାନଙ୍କୁ ଅନ୍ଧବିଶ୍ୱାସଠାରୁ ମୁକୁଳେଇବା ପାଇଁ ସାରା ଜୀବନ ଚେଷ୍ଟା କରିଥିଲେ ।

ସ୍ୱାତୀ: ସରସ୍ୱତୀ ପୂଜା ପେଣ୍ଡାଲରୁ ତଡିଦେବାଟା ତାଙ୍କୁ ନିଶ୍ଚିତ ବହୁତ ବାଧିଥିବ, ଆଉ ତାଙ୍କର ସାରାଜୀବନ ଏହାର ପ୍ରଭାବ ପଡିଥିବା ।

ପ୍ରଶାନ୍ତ: ହଁ, ସେଥିପାଇଁ ସାରା ଜୀବନ ତାଙ୍କର ଧାର୍ମିକ ଅନୁଷ୍ଠାନ ପ୍ରତି ବିତୃଷ୍ଣା ଥିଲା । ତା'ମାନେ ନୁହେଁ ଯେ ଧର୍ମବିରୋଧୀ ଥିଲେ । ସେ ପ୍ରାୟ ସବୁ ଧର୍ମ ପୁସ୍ତକ ପଢିଥିଲେ, ସେ ଛାତ୍ର ଥିଲା ବେଳେ ବାପ୍‌ଟିଷ୍ଟ ମିଶନ ଦ୍ୱାରା ହେଉଥିବା ବଙ୍ଗାଳୀ ବାଇବେଲ ପରୀକ୍ଷାରେ ପ୍ରଥମ ହୋଇଥିଲେ । ଏଥିରେ

ସେ ଗୋଟିଏ ବାଇବେଲ ଏବଂ ଶହେଟଙ୍କା ପୁରସ୍କାର ପାଇଥିଲେ ।

ଧ୍ରୁବ: କି ଆଦର୍ଶ ସ୍ଥାନୀୟ ଲୋକ । ମୁଁ ତାଙ୍କୁ ମୁଣ୍ଡ ନଇଁ ପ୍ରଣାମ କରୁଛି ।

ପ୍ରଶାନ୍ତ: ହଁ ସେ ବହୁତ ସମ୍ମାନ ପାଇବା ଯୋଗ୍ୟ । ଦୁଃଖର କଥା ଯେ ଏମ୍.ଏସ୍.ସି ପାଶ୍ କଲା ପରେ ସେ ଚାକିରି ପାଇ ନଥିଲେ ।

ଅରୁନ୍ଧତୀ: ଚାକିରି ପାଇ ନଥିଲେ ? ଚଳୁଥିଲେ କେମିତି ?

ପ୍ରଶାନ୍ତ : ସେ ଟ୍ୟୁସନ୍ କରୁଥିଲେ । ସେ ସମୟରେ ତାଙ୍କ ସାନଭାଇ କନାଇଲାଲଙ୍କୁ କଲିକତା ଆଣି ପାଠ ପଢାଉଥିଲେ । ସେ ଗୋଟିଏ ସାଇକେଲରେ କଲିକତାର ଉତ୍ତରରୁ ଦକ୍ଷିଣ ଯାଏଁ ବୁଲି ବୁଲି ଟ୍ୟୁସନ୍ କରୁଥିଲେ ।

ଧ୍ରୁବ: କି ପରିଶ୍ରମୀ ମଣିଷରେ ବାବା! ତା ହେଲେ ସେ ଚାକିରି କେବେ ପାଇଥିଲେ ? ଆଉ ଟ୍ୟୁସନ୍ ଛାଡିଥିଲେ ।

ପ୍ରଶାନ୍ତ: ୧୯୧୬ରେ ସେ ବିଶ୍ୱବିଦ୍ୟାଳୟର ବିଜ୍ଞାନ କଲେଜରେ ଅଧ୍ୟାପକ ଚାକିରି ପାଇଥିଲେ । ସେ କଲେଜ ସେଇ ବର୍ଷ କଲିକତା ବିଶ୍ୱବିଦ୍ୟାଳୟର କୁଳପତି ଶ୍ରୀ ଆଶୁତୋଷ ମୁଖର୍ଜି ସ୍ଥାପନ କରିଥିଲେ । ଗୋଟିଏ ମଜା ଘଟଣା ରହିଛି ।

ସ୍ୱାତୀ: କ'ଣ ?

ପ୍ରଶାନ୍ତ: ସେ ଗଣିତ ବିଭାଗରେ ଚାକିରି ପାଇବା ଆଗରୁ ଇଣ୍ଡିଆନ୍ ଫାଇନାନ୍ସ ସର୍ଭିସ୍ ପରୀକ୍ଷା ଦେବା ପାଇଁ ଚାହୁଁଥିଲେ । କିନ୍ତୁ ବ୍ରିଟିଶ ସରକାରଙ୍କର ଏଥିରେ ଆପତ୍ତି ଥିଲା । କାରଣ କ୍ରାନ୍ତିକାରୀମାନଙ୍କ ସହ ସେ ସମ୍ପର୍କ ରଖିଥିଲେ ।

ସ୍ୱାତୀ: କେଉଁ କ୍ରାନ୍ତିକାରୀଙ୍କ ସହ ତାଙ୍କର ସମ୍ପର୍କ ଥିଲା ?

ପ୍ରଶାନ୍ତ: ସେ ଯତୀନ୍ଦ୍ରନାଥ ମୁଖର୍ଜି ବା ବାଘାଯତୀନ, ପୁଲିନ୍ ଦାସ, ସୁବାସ ଚନ୍ଦ୍ର ବୋଷ ଆଦିଙ୍କ ସହ ସମ୍ପର୍କ ରଖିଥିଲେ । ଏମାନେ କରୁଥିବା ସଶସ୍ତ୍ର ଆନ୍ଦୋଳନକୁ ସେ ସମର୍ଥନ କରୁଥିଲେ କିନ୍ତୁ ନିଜେ ସକ୍ରିୟ ଭାଗ ନେଇନାହାନ୍ତି । ତାଙ୍କ ସ୍ୱପ୍ନ ଥିଲା ବିଜ୍ଞାନ ଏବଂ ଶିକ୍ଷା ଦ୍ୱାରା ଦେଶର ଉନ୍ନତି କରିବା । ଆରେ

ତମମାନଙ୍କୁ ଭୋକ ଲାଗୁନି ? ମତେ ତ ଲାଗିଲାଣି । ଚାଲ ଖାଇବା । ଖାଇସାରି ପୁଣି କଥାହେବା । (ଦୁଆର ଘଣ୍ଟି ବାଜିବା ଏବଂ ଦୁଆର ଖୋଲିବା)

ପ୍ରଶାନ୍ତ: ଆରେ ଆସ ଆସ, ମୁଁ ତମମାନଙ୍କୁ ଅପେକ୍ଷା କରିଥିଲି । ଦେଖ, ଏ ହେଉଛି ମୋ ପୁଅ ଆଦର୍ଶ, ସେ ଫିଜିକ୍ସରେ ଏମ୍ଏସ୍‌ସି ପଢୁଛି ।

ଧ୍ରୁବ: ଆରେ ବାଃ, ମୁଁ ବି ବଡ଼ ହେଲେ ଫିଜିକ୍ସ ପଢ଼ିବି ।

ସ୍ୱାତୀ ଓ ଧ୍ରୁବ: ନମସ୍କାର ଭାଇ ।

ଆଦର୍ଶ: ନମସ୍କାର ସ୍ୱାତୀ, ଆରେ ଧ୍ରୁବ । ତମେ ତ ଏଇନା ବହୁତ ସାନ ଅଛ । ଏବେଠୁ ଏତେ ବ୍ୟସ୍ତ କାହିଁକି ?

ପ୍ରଶାନ୍ତ: ନାଁ ଆଦର୍ଶ, ଧ୍ରୁବ ଏବେଠାରୁ ଯୋଜନା କରିବା ଉଚିତ୍ । କିଏ ଜାଣେ, ସିଏ ବି ଦିନେ ଜଣେ ବିଖ୍ୟାତ ବୈଜ୍ଞାନିକ ହୋଇପାରେ ।

ସ୍ୱାତୀ: ତଥାପି ମଉସା, ଏବେଠାରୁ ଯଥେଷ୍ଟ ସମୟ ଅଛି ।

ପ୍ରଶାନ୍ତ: ସ୍ୱାତୀ, ଧ୍ରୁବକୁ ଏମିତି ହତୋତ୍ସାହ କରନି । କିଏ ଜାଣେ ସେ ଦିନେ ଜଣେ ବିଖ୍ୟାତ ବୈଜ୍ଞାନିକ ହୋଇ ଦେଶ ପାଇଁ ନିଜ ପରିବାର ପାଇଁ ସୁନାମ ଆଣିପାରେ । ଏଥର ଆମେ ମେଘନାଦ ଶାହାଙ୍କ ଗବେଷଣା ବିଷୟରେ କଥା ହେବା । ବିଶେଷ କରି ତାଙ୍କର ତାପୀୟ ଆୟନୀକରଣ ବା ଥର୍ମାଲ୍ ଆୟୋନାଇଜେସନ୍ ତତ୍ତ୍ୱ ଉପରେ କଥା ହେବା ।

ଧ୍ରୁବ: ମଉସା, ଏଇଟା କ'ଣ ସତରେ ଏତେ ଗୁରୁତ୍ୱପୂର୍ଣ୍ଣ ଆବିଷ୍କାର ?

ପ୍ରଶାନ୍ତ: ହଁ ଧ୍ରୁବ । ବିଖ୍ୟାତ ଜ୍ୟୋତିର୍ବିଜ୍ଞାନୀ ଆର୍ଥର ଏଡିଙ୍ଗଟନ୍ ମାନିଛନ୍ତି ଯେ ଜ୍ୟୋତିର୍ବିଜ୍ଞାନର ବାରଟି ଗୁରୁତ୍ୱପୂର୍ଣ୍ଣ ଆବିଷ୍କାର ଭିତରୁ ତାପୀୟ ଆୟନୀକରଣ ଗୋଟିଏ ।

ସ୍ୱାତୀ: ତାପୀୟ ଆୟନୀକରଣ କ'ଣ ?

ପ୍ରଶାନ୍ତ: ଦେଖ ସ୍ୱାତୀ, ତମେ ତ ଜାଣିଛ ଯେ ଉଚ୍ଚ ତାପମାତ୍ରାରେ ବାଷ୍ପର ଅଣୁ ଭାଙ୍ଗିଯାଇ ପରମାଣୁରେ ପରିଣତ ହୋଇଯାଏ, ତାପମାତ୍ରା ଯଦି ଅତି ଅଧିକ ହୁଏ ତା'ହେଲେ ପରମାଣୁ ଦେହରୁ ଇଲେକ୍ଟ୍ରନ ଗୁଡିକ ବାହାରି ଚାଲିଯାଆନ୍ତି । ଏହି ଭାବରେ ପରମାଣୁ ଭିତରେ ଗୋଟିଏ ଧନାତ୍ମକ ଆବେଶ

ସୃଷ୍ଟି ହୁଏ । କାରଣ ଋଣାତ୍ମକ ଆବେଶଯୁକ୍ତ ଇଲେକ୍ଟ୍ରନ ତ ବାହାରି ଯାଇଥିବ । ସେତେବେଳେ ଏହାକୁ ଆୟନ ବା ଆବେଶଯୁକ୍ତ ପରମାଣୁ କୁହାଯାଏ । ବାଷ୍ପର ପରମାଣୁ ତାପର ପ୍ରଭାବ ଦ୍ୱାରା ବଦଳି ଯାଇ ଇଲେକ୍ଟ୍ରନ ଏବଂ ଆୟନରେ ପରିଣତ ହେବାକୁ ତାପୀୟ ଆୟନୀକରଣ କୁହାଯାଏ ।

ଧ୍ରୁବ: ଶାହା ଏହି ତତ୍ତ୍ୱକୁ ଆକାଶବିଜ୍ଞାନରେ କେମିତି ଲଗେଇଥିଲେ ?

ପ୍ରଶାନ୍ତ: ଏକଥା କହିବା ଆଗରୁ ମତେ ଆଗ କୁହ ଯେ ବର୍ଣ୍ଣାଳୀ କ'ଣ ତମେ ଜାଣିଛ ?

ଧ୍ରୁବ: ହଁ ମଉସା, ପ୍ରିଜିମ୍ ଦେଇ ସୂର୍ଯ୍ୟ ଆଲୁଅ ଗଲାବେଳେ ଧଳା ଆଲୁଅ ଭାଙ୍ଗି ଯାଇ ସାତ ରଙ୍ଗରେ ପରିଣତ ହୁଏ । ଏହାକୁ ବର୍ଣ୍ଣାଳୀ କୁହାଯାଏ ।

ପ୍ରଶାନ୍ତ: ବହୁତ ବଢ଼ିଆ । ଆଉ ଗୋଟିଏ ପ୍ରକାର ବର୍ଣ୍ଣାଳୀ ବି ରହିଛି । ଏଥିରେ କୌଣସି ଗାର ନଥାଏ ।

ସ୍ୱାତୀ: ତା ହେଲେ ଗାର ଥିବା ବର୍ଣ୍ଣାଳୀ ବି ରହିଛି ?

ଆଦର୍ଶ: ଏହାର ଉତ୍ତର ମୁଁ ଦଉଛି ବାପା, ଆମ ରାସ୍ତାରେ ସୋଡିଅମ ବା ମର୍କ୍ୟୁରୀ ଆଲୁଅ ଲାଗିଥିବାର ଦେଖିଥିବ । ଏଇ ଆଲୁଅକୁ ଯଦି ଗୋଟିଏ ପ୍ରିଜିମ୍ ଦେଇ ବାହାର କରାଯାଏ, ତା' ହେଲେ କେତେକ ରଙ୍ଗରେ କିଛି ନିର୍ଦ୍ଦିଷ୍ଟ ଗାର ଦେଖାଯାଏ । ଏଭଳି ବର୍ଣ୍ଣାଳୀକୁ ରେଖା ବର୍ଣ୍ଣାଳୀ କୁହାଯାଏ ।

ସ୍ୱାତୀ: ତା ହେଲେ ଯେଉଁ ବର୍ଣ୍ଣାଳୀରେ ଗାର ଦେଖାଯାଏ ନାହିଁ, ତାକୁ କ'ଣ କୁହାଯାଏ ?

ଆଦର୍ଶ: ତାକୁ ଅବିରତ ବା କଣ୍ଟିନ୍ୟୁଅସ୍ ବର୍ଣ୍ଣାଳୀ କୁହାଯାଏ ।

ଧ୍ରୁବ: ଆଉ କେତେ ପ୍ରକାର ବର୍ଣ୍ଣାଳୀ ରହିଛି ?

ପ୍ରଶାନ୍ତ: ଆଉ ଗୋଟିଏ ବର୍ଣ୍ଣାଳୀକୁ ପଟି ବର୍ଣ୍ଣାଳୀ ବା ବ୍ୟାଣ୍ଡ୍ ସ୍ପେକ୍ଟ୍ରମ୍ କୁହାଯାଏ । ଏଥିରେ ବେଶ୍ ସ୍ପଷ୍ଟପଟି ଥାଏ । ଏ ଗୋଟିଏ ମୁଣ୍ଡରେ ଉଜଳ ଥାଏ ଏବଂ ଅନ୍ୟ ପଟେ କ୍ଷୀଣ । ପଟି ବର୍ଣ୍ଣାଳୀ ବାଷ୍ପର ଅଣୁ ଦ୍ୱାରା ସୃଷ୍ଟି, ବର୍ଣ୍ଣାଳୀ ଏବଂ ରେଖା ବର୍ଣ୍ଣାଳୀ ବାଷ୍ପର ପରମାଣୁ ଦ୍ୱାରା ସୃଷ୍ଟି ବର୍ଣ୍ଣାଳୀ ।

ସୂର୍ଯ୍ୟ ଏବଂ ଅନ୍ୟ ତାରାମାନଙ୍କ ବର୍ଣ୍ଣାଳୀରେ ଦେଖାଯାଉଥିବା ରେଖା ବିଷୟରେ ବୁଝାଇବା ପାଇଁ ଶାହା ତାପୀୟ ଆୟନୀକରଣ ତତ୍ତ୍ୱ ବ୍ୟବହାର କରିଥିଲେ ।

ଧ୍ରୁବ: ଶାହାଙ୍କ ଆଗରୁ କ'ଣ ଏହି ରେଖା ବିଷୟରେ କେହି କିଛି କହିନଥିଲେ ?

ପ୍ରଶାନ୍ତ: ନା, ଠିକ୍ ସେଇଆ ନୁହେଁ, ନର୍ମାନ ଲକ୍ୟାର ଏବଂ ଅନ୍ୟ ବିଜ୍ଞାନୀମାନେ ଅନ୍ୟ ତାରାମାନଙ୍କ ରାସାୟନିକ ଗଠନ ବୁଝାଇବାକୁ ଚେଷ୍ଟା କରିଥିଲେ । ସେମାନଙ୍କ ମତରେ ସୂର୍ଯ୍ୟ ଏବଂ ଅନ୍ୟ ତାରାଙ୍କ ବର୍ଣ୍ଣାଳୀରେ ଦେଖା ଯାଉଥିବା ରେଖାର କାରଣ ହେଉଛି ସେଥିରେ ଥିବା କିଛି ନିର୍ଦ୍ଦିଷ୍ଟ ମୌଳିକ ପଦାର୍ଥ । କିନ୍ତୁ ସେମାନେ ଏହାକୁ ପୂରାପୂରି ବୁଝେଇ ପାରିନଥିଲେ ।

ସ୍ୱାତୀ: ଅନ୍ୟମାନେ ବିଫଳ ହେଲାବେଳେ ମେଘନାଦ ଶାହା ସଫଳ ହୋଇଥିଲେ । ଏଇଆ ନା ମଉସା ?

ପ୍ରଶାନ୍ତ: ହଁ, ମୋଟାମୋଟି ସେଇ ଭଳିଆ । ତେବେ ଲକ୍ୟାର ଯେତେବେଳେ କହିଥିଲେ ଯେ କୌଣସି ବସ୍ତୁର ବର୍ଣ୍ଣାଳୀ ରେଖା ତାପମାତ୍ରା ଯୋଗୁ ପ୍ରଭାବିତ ହୁଏ, ସେ କିଛିଟା ସଫଳତା ପାଇଥିଲେ । ଏମିତି କାହିଁକି ହୁଏ ସେ କଥା ସେ ବୁଝେଇ ପାରି ନଥିଲେ । ମେଘନାଦ ଶାହାଙ୍କର ତାପୀୟ ଆୟନୀକରଣ ତତ୍ତ୍ୱ ଏକଥାକୁ ବେଶ୍ ଭଲ ଭାବରେ ବୁଝେଇ ପାରିଲା । ତାଙ୍କରି ତତ୍ତ୍ୱ ଯୋଗୁଁ ଆଜି ଆମେ ସୂର୍ଯ୍ୟ ଏବଂ ଅନ୍ୟ ତାରାମାନଙ୍କର ତାପମାତ୍ରା, ଚାପ ଏବଂ ସଂରଚନା ବିଷୟରେ ଜାଣିପାରିଲେ ।

ଆଦର୍ଶ: ମୁଁ ଏହାକୁ ଆଉ ଟିକିଏ ବୁଝେଇ କହୁଛି । ମେଘନାଦ ଶାହା କହିଥିଲେ ଯେ ବର୍ଣ୍ଣାଳୀ ରେଖା ତାପମାତ୍ରା ଏବଂ ଚାପ ଦ୍ୱାରା ପ୍ରଭାବିତ ହୋଇଥାଏ । ତେଣୁ ତାପମାତ୍ରା ସହିତ ଚାପକୁ ବି ବିଚାରକୁ ନେବା ଜରୁରୀ ।

ସ୍ୱାତୀ: ଚାପ ପ୍ରକୃତରେ କ'ଣ କରେ ?

ଆଦର୍ଶ: କମ୍ ଚାପରେ ଆୟନୀକରଣ ପ୍ରକ୍ରିୟା ବଢ଼ିଯାଏ । ପ୍ରକୃତରେ ସୂର୍ଯ୍ୟର ବର୍ଣ୍ଣମଣ୍ଡଳ ବା କ୍ରୋମୋସ୍ଫିଅର୍‌ରେ ଏହାହିଁ ହେଉଛି । ସୂର୍ଯ୍ୟର ବର୍ଣ୍ଣମଣ୍ଡଳର

ବର୍ଣ୍ଣାଳୀରେ ସିଜିଅମ୍ ଏବଂ ରୁବିଡିଅମ୍‌ର ବର୍ଣ୍ଣାଳୀରେଖା ଦେଖାଯାଏନାହିଁ । ମେଘନାଦ ଏହି କଥାକୁ ବୁଝାଇଥିଲେ । ତାଙ୍କ ମତରେ କମ୍ ଚାପ ଯୋଗୁ ସେଠି ଏଇ ଦୁଇଟି ମୌଳିକ ବସ୍ତୁ ପୂରାପୂରି ଆୟନରେ ପରିଣତ ହୋଇଯାଏ ।

ସ୍ୱାତୀ: ସୂର୍ଯ୍ୟର ଅନ୍ୟ କୌଣସି ଜାଗାରେ ଏ ଦୁଇଟିର ବର୍ଣ୍ଣାଳୀରେଖା ଦେଖାଯାଏ ନାହିଁ ?

ପ୍ରଶାନ୍ତ: ଶାହାଙ୍କ ମତରେ ସୌରକଳଙ୍କ ଅଞ୍ଚଳରେ ତାପମାତ୍ରା ଅପେକ୍ଷାକୃତ କମ୍ ଥିବାରୁ ସେଠାରେ ଏହି ରେଖା ଦେଖାଯିବା କଥା ।

ଧ୍ରୁବ: ତାଙ୍କ ଅନୁମାନ କ'ଣ ଠିକ୍ ଥିଲା ?

ପ୍ରଶାନ୍ତ: ମେଘନାଦ ଙ୍କର ତାପୀୟ ଆୟନୀକରଣ ପ୍ରବନ୍ଧ ୧୯୨୦ ମସିହାରେ ପ୍ରଥମ ପ୍ରକାଶିତ ହୋଇଥିଲା । ପ୍ରବନ୍ଧଟି ପ୍ରକାଶିତ ହେବାର ଠିକ୍ ପୂର୍ବରୁ ମାଉଣ୍ଟ ୱିଲ୍‌ସନ୍‌ର ମାନମନ୍ଦିର ସୌରକଳଙ୍କ ଦେହରେ ରୁବିଡିଅମ୍‌ର ବର୍ଣ୍ଣାଳୀରେଖା ଦେଖିଥିଲା । ଆଉ ସିଜିଅମ୍ ବୋଧହୁଏ ସୌରକଳଙ୍କ ଅଞ୍ଚଳରେ ପୂରାପୂରି ଆୟନୀକୃତ ହୋଇଯାଇଥିବାରୁ ତା'ର ରେଖା ଦେଖାଯାଉନାହିଁ ।

ଧ୍ରୁବ: ଆଚ୍ଛା, ଏଇ ତତ୍ତ୍ୱ ଆକାଶବିଜ୍ଞାନର ଆଉ କେଉଁଠି ଲାଗେ କି ?

ପ୍ରଶାନ୍ତ: ହଁ ଏହି ତତ୍ତ୍ୱ ବ୍ୟାପକ କ୍ଷେତ୍ରରେ ବ୍ୟବହୃତ ହୁଏ । ଆୟନମଣ୍ଡଳ, ପରିବାହିତା, ବୈଦ୍ୟୁତିକ ବୃତ୍ତଚାପ ବା ଆର୍କ ଏବଂ ବିସ୍ଫୋରଣ ଉପରେ ଗବେଷଣା ପାଇଁ ଏହି ତତ୍ତ୍ୱ ବ୍ୟବହାର କରାଯାଏ ।

ସ୍ୱାତୀ: ପଦାର୍ଥ ବିଜ୍ଞାନର ଆଉ କେଉଁ ବିଭାଗରେ ମେଘନାଦ କାମ କରିଥିଲେ ?

ପ୍ରଶାନ୍ତ: ୧୯୧୭ ମସିହାରେ ସେ ତାଙ୍କର ପ୍ରଥମ ବିଜ୍ଞାନ ପ୍ରବନ୍ଧ ପ୍ରକାଶ କରିଥିଲେ । ତା'ର ନାଁ ଥିଲା ମାକ୍ସୱେଲ୍‌ଙ୍କ ପ୍ରତିବଳ । ଏହା ବିକିରଣର ବୈଦ୍ୟୁତିକ-ଚୁମ୍ବକୀୟ ତତ୍ତ୍ୱ ଉପରେ ଥିଲା । ସେ ବିକିରଣ, ଚାପ, ଇଲେକ୍‌ଟ୍ରନ୍‌ର ଯାନ୍ତ୍ରିକ ଏବଂ ବୈଦ୍ୟୁତିକ-ଚୁମ୍ବକୀୟ ଗୁଣ ଉପରେ ବି କାମ କରିଥିଲେ । ସତ୍ୟେନ୍ଦ୍ରନାଥ ବୋଷଙ୍କ ସହ ମିଶି ସେ କେତେଗୁଡ଼ିଏ

ଗବେଷଣାତ୍ମକ ପ୍ରବନ୍ଧ ମଧ୍ୟ ପ୍ରକାଶ କରିଥିଲେ । ଏହାଛଡ଼ା ସେ ଆୟନମଣ୍ଡଳ ଉପରେ ବି କାମ କରିଥିଲେ । (ଦୁଆରଘଣ୍ଟି ବାଜିବା)

ଚନ୍ଦ୍ର: ଆରେ ଧ୍ରୁବ, ସ୍ୱାତୀ ରାତି ହେଲାଣି ଘରକୁ ଯିବନି କି ?

ଧ୍ରୁବ: ରାତି ତ ହେଲାଣି, ଆଜି ଆଉ ତାରା ଦେଖିବା ନାହିଁ କି ?

ଚନ୍ଦ୍ର: ଆଚ୍ଛା କହତ ଆକାଶରେ ଚାରିଗୋଡ଼ିଆ ଜନ୍ତୁ କିଏ ସବୁ ଅଛନ୍ତି ।

ଧ୍ରୁବ: ଷଣ୍ଢ, କୁକୁର, ମେଣ୍ଢା, ଘୋଡ଼ା..

ସ୍ୱାତୀ: ଠେକୁଆ, ବିଲୁଆ ବି ଅଛନ୍ତି ।

ଚନ୍ଦ୍ର: ହଁ, ଏମାନଙ୍କ ଛଡ଼ା ଆକାଶରେ ଆଉରି ବି ଚାରିଗୋଡ଼ିଆ ଜୀବ ଅଛନ୍ତି । ଏମାନଙ୍କ ଭିତରୁ ଆଜି ଆମେ ଶୁଣିବା ଜୀରାଫ ମଣ୍ଡଳ ବା କାମେଲୋପାର୍‌ଡସ୍‌ର କଥା । ଅନ୍ୟ ତାରାମଣ୍ଡଳ ଭଳି ଏହାର ଆକୃତି ଏତେ ସ୍ପଷ୍ଟ ନୁହେଁ, ତଥାପି ତାରାଗୁଡ଼ିକୁ ଯୋଡ଼ି କଳ୍ପନା କଲେ ଗୋଟିଏ ଜୀରାଫ ଦେଖାଯିବ ।

ଅରୁନ୍ଧତୀ: ପେଟ୍ରୁସ୍ ପ୍ଲାଙ୍କିଅସ୍ ନାମକ ଜଣେ ଡଚ୍ ଲୋକ ଏଇ ତାରାମଣ୍ଡଳଟିକୁ ଆବିଷ୍କାର କରିଥିଲେ । ସେ ଡଚ୍ ଇଷ୍ଟ ଇଣ୍ଡିଆ କମ୍ପାନୀରେ କାମ କରୁଥିଲେ । ଜଣେ ଦକ୍ଷ ମାନଚିତ୍ର ପ୍ରସ୍ତୁତକାରୀ ଭାବରେ ତାଙ୍କର ବହୁତ ନାଁ ଥିଲା । ୧୬୨୪ ମସିହାରେ ବାର୍ସଙ୍କ ମାନଚିତ୍ରରେ ବି ଜୀରାଫ ମଣ୍ଡଳ କଥା ରହିଛି । ତେଣୁ କୁହାଯାଏ ଯେ ବାର୍ସ ହିଁ ଏଇ ତାରାମଣ୍ଡଳଟିର ଆବିଷ୍କର୍ତ୍ତା । ଶର୍ମିଷ୍ଠା ଓ ସପ୍ତର୍ଷି ମଣ୍ଡଳ ମଝିରେ ଏହା ରହିଛି ।

ଚନ୍ଦ୍ର: ଏହାର ଉଜଳତମ ତାରା ଆମଠାରୁ ପ୍ରାୟ ୭୦୦୦ ଆଲୋକବର୍ଷ ଦୂରରେ ରହିଛି । ଏହାର ଆଉ ଗୋଟିଏ ତାରା ଆମଠାରୁ ୧୦୦୦ ଆଲୋକବର୍ଷ ଦୂରରେ ରହିଛି ଏବଂ ଏହା ଗୋଟିଏ ହଳଦିଆ ମହାଦାନବ ତାରା । ଆକାରରେ ଏହା ସୂର୍ଯ୍ୟର ପ୍ରାୟ ୧୦୦ ଗୁଣ ।

ସ୍ୱାତୀ: ଜୀରାଫ ମଣ୍ଡଳର ତାରାମାନଙ୍କର ଦୀପ୍ତି ୪ରୁ ୪.୫ ଭିତରେ । ତେଣୁ ଏଗୁଡ଼ିକ ବେଶ୍ କ୍ଷୀଣ ହୋଇଥିବାରୁ ଦେଖିବା କଷ୍ଟ । ତେବେ ଏଇ ସମୟରେ ଆହୁରି ବି ତାରାମଣ୍ଡଳ ଦେଖାଯିବେ ।

ଚନ୍ଦ୍ର: ଆଚ୍ଛା ଏବେ ତ ରାତି ଆଠଟା ବାଜିଲାଣି । ଧ୍ରୁବତାରା କେଉଁଠି ଅଛି କହିଲୁ ଧ୍ରୁବ ।

ଧ୍ରୁବ: ମୁଁ ଜାଣିଛି । ଏବେତ ସପ୍ତର୍ଷି ମଣ୍ଡଳ ଦେଖାଯିବ ନାହିଁ । ତେଣୁ ଶର୍ମିଷ୍ଠା ମଣ୍ଡଳ ସାହାଯ୍ୟରେ ଚିହ୍ନଟ କଲି ଯେ ସେଇ ତାରାଟି ହେଉଛି ଧ୍ରୁବ ତାରା ।

ସ୍ୱାତୀ: ଶର୍ମିଷ୍ଠା ମଣ୍ଡଳର ଉତ୍ତରକୁ ରହିଛି ବୃଷପର୍ବା ଆଉ ଦକ୍ଷିଣ-ପୂର୍ବକୁ ଯଯାତି ମଣ୍ଡଳ । ଯଯାତି ମଣ୍ଡଳର ପୂର୍ବକୁ ରହିଛି ବ୍ରହ୍ମ ମଣ୍ଡଳ ।

ଧ୍ରୁବ: ବ୍ରହ୍ମ ମଣ୍ଡଳର ପୂର୍ବକୁ ତ ସେଠି ମିଥୁନ ରାଶି ଦେଖାଯାଉଛି ।

ଚନ୍ଦ୍ର: ହଁ ଯଯାତିର ପଶ୍ଚିମକୁ ଦେବଯାନୀ ଓ ପକ୍ଷୀରାଜ ମଣ୍ଡଳ ଦେଖାଯାଉଛି ।

ଅରୁନ୍ଧତୀ: ମଝିଆକାଶରେ ପଶ୍ଚିମରୁ ପୂର୍ବକୁ ସଜେଇ ହୋଇ ରହିଛନ୍ତି କୁମ୍ଭ, ମୀନ, ମେଷ, ବୃଷ, ମିଥୁନ, କର୍କଟ ରାଶି ମଣ୍ଡଳ ।

ସ୍ୱାତୀ: ବୃଷରାଶିର ଦକ୍ଷିଣକୁ କାଳପୁରୁଷ ରହିଛି । ସେ ତା'ର ଦୁଇ କୁକୁର ସରମା ଓ ମୃଗବ୍ୟାଧକୁ ଧରି ଆଗରୁ ମାଡ଼ି ଆସୁଥିବା ଷଣ୍ଢ ସହିତ ଲଢ଼ିବାକୁ ଯାଉଛି । ଆଉ ସେଠି ମୀନ ରାଶିର ଦକ୍ଷିଣକୁ ତିମିଙ୍ଗଳ ମଣ୍ଡଳ ରହିଛି ।

ଧ୍ରୁବ: ବାପା, ଏବେ ତ କାହିଁ ବୁଧ କି ଶୁକ୍ର ଗ୍ରହ ଦେଖାଯାଉନାହିଁ ।

ଅରୁନ୍ଧତୀ: ବୁଧଗ୍ରହ ଏବେ ପାହାନ୍ତା ବେଳକୁ ଦେଖାଯାଉଛି । ସେ ସକାଳ ୪ଘ. ୫୮ ମିନିଟରେ ଆଜି ଉଦୟ ହେବ । ଆଉ ଶୁକ୍ର ଗ୍ରହ ଏବେ ସୂର୍ଯ୍ୟର ବେଶ୍ ପାଖରେ ଥିବାରୁ ଦୁହିଁଙ୍କର ଉଦୟ ଅସ୍ତ ପ୍ରାୟ ଏକ ସମୟରେ ହେଉଛି । ଶୁକ୍ର ଗ୍ରହ ଆଜି ସନ୍ଧ୍ୟାବେଳେ ୫ଘ. ୨୯ ମିନିଟରେ ଅସ୍ତ ହୋଇଥିବ ଆଉ ସୂର୍ଯ୍ୟ ବି ସେଇ ସମୟରେ ଅସ୍ତ ହୋଇଥିବ । ଶୁକ୍ର ଗ୍ରହ କାଲି ସକାଳେ ଉଦୟ ହେବ ୬ଘ. ୩୨ ମିନିଟରେ ଆଉ ସୂର୍ଯ୍ୟ ଉଦୟ ହେବ ୬ଘ. ୨୫ ମିନିଟରେ । ତେଣୁ ଏହାକୁ ଦେଖିବା କଷ୍ଟ ।

ଚନ୍ଦ୍ର: ହେଇ ଦେଖ । ପୂର୍ବପଟେ ଯେଉଁ ଲାଲ ଗ୍ରହଟି ଦେଖାଯାଉଛି ତାହା ହେଉଛି ମଙ୍ଗଳ । ସେ ସନ୍ଧ୍ୟା ୬ଘ. ୫୦ ମିନିଟ ବେଳକୁ ଉଦୟ ହୋଇଛି । ଏବେ ତ ସାଢ଼େ ଆଠଟା ବାଜିଲାଣି, ଦେଖ ମଙ୍ଗଳ ପ୍ରାୟ ୨୨ ଡିଗ୍ରୀ ଉପରେ ରହିଛି । ଏପଟେ ପଶ୍ଚିମ ପଟେ ଦେଖ । ବୃହସ୍ପତି ଅସ୍ତ

ହୋଇଗଲାଣି । ଆଜି ତା'ର ଅସ୍ତ ହେବା ସମୟ ଥିଲା ରାତି ୮ଘ. ।

ଅରୁନ୍ଧତୀ: ଶନି ଗ୍ରହ ଏବେ ଉଦୟ ହୋଇନାହିଁ । ସେ ପ୍ରାୟ ରାତି ୧୦ଘ. ୨୫ ମିନିଟ ବେଳକୁ ଉଦୟ ହେବ । କାଲି ସକାଳେ ସୂର୍ଯ୍ୟ ଉଦୟ ହେଲା ବେଳକୁ ସେ ପଶ୍ଚିମ ଦିଗବଳୟର ୬୦$^0$ ଉପରେ ରହିଥିବ । ସେ ଜାଗାରେ କନ୍ୟା ରାଶି ରହିଥିବ ।

ସ୍ୱାତୀ: ବୁଧ ଗ୍ରହ ଏବେ ମକର ରାଶିରେ, ଶୁକ୍ର ଗ୍ରହ ବି ମକର ରାଶିରେ ରହିଛି । ଶୁକ୍ର ଏବେ ୧୩ ତାରିଖ ଦିନ ମକର ରାଶିକୁ ଆସିଛି । ମଙ୍ଗଳ ଏବେ ବି କର୍କଟ ରାଶିରେ ରହିଛି ଆଉ ବୃହସ୍ପତି କୁମ୍ଭ ରାଶିରେ ରହିଛି ।

ଚନ୍ଦ୍ର: ଆଜି ତ ବହୁତ ରାତି ହେଲାଣି, ଏବେ ଘରକୁ ଯିବା ଚାଲ । ପିଲାମାନେ, ମଉସା ତମକୁ କେତେକଥା କହିଲେ । ତାଙ୍କୁ ଧନ୍ୟବାଦ କହିବନି ?

ସ୍ୱାତୀ: ସତରେ ମଉସା, ଆପଣଙ୍କ ଯୋଗୁ ଆମେ ଆଜି ମେଘନାଦ ଶାହାଙ୍କ ବିଷୟରେ ଅନେକକଥା ଜାଣିପାରିଲୁ । ସେଥିପାଇଁ ଆପଣଙ୍କୁ ଧନ୍ୟବାଦ । ଆପଣ ଆଉ କେବେ ଆସିଲେ ଆମ ଘରକୁ ନିଶ୍ଚୟ ଆସିବେ ।

ସ୍ୱାତୀ ଓ ଧ୍ରୁବ: ନମସ୍କାର ମଉସା ।

ପ୍ରଶାନ୍ତ: ନମସ୍କାର । ସତରେ ପିଲାମାନଙ୍କ ସହ କଥା ହୋଇ ମତେ ଆଜି ବହୁତ ଖୁସି ଲାଗିଲା । ହଉ, ଆଉ କେବେ ଆସିଲେ, ଦେଖାହେବ । ନମସ୍କାର, ନମସ୍କାର ଭାଉଜ ।

ଅରୁନ୍ଧତୀ: ନମସ୍କାର, ଏଥର କିନ୍ତୁ ଆସିଲେ ରହଣିଟା ଆମ ଘରେ ହେବ ।